# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା - ୨୦୨୪-୨୫

## ଅନୁଗୋଳ

Odisha Skill Development Authority

ତାରିଖ : ୦୬.୦୩.୨୦୨୫, ସମୟ : ସକାଳ ୧୦.୦୦ ଘଟିକା

ସ୍ଥାନ : ବିଜୁ ମୈଦାନ, ସର୍କିଟ୍ ହାଉସ୍ ନିକଟସ୍ଥ, ଅନୁଗୋଳ

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (O.S.D.A.) ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଅନୁଗୋଳ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ଅନୁଗୋଳର ମିଳିତ ସହଯୋଗରେ ଆସନ୍ତା ତା୦୬.୦୩.୨୦୨୫ରିଖରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ସ୍ଥାନୀୟ ବିଜୁ ମୈଦାନ, ସର୍କିଟ୍ ହାଉସ୍ ନିକଟସ୍ଥ, ଅନୁଗୋଳ ଠାରେ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ଅନୁଗୋଳ ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳର ପଞ୍ଚମ ଶ୍ରେଣୀ ଠାରୁ +୩, ଆଇ.ଟି.ଆଇ. ଏବଂ ଡିପ୍ଲୋମା ପାସ୍ ୧୮-୩୫ ବର୍ଷ ବୟସ ମଧ୍ୟରେ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଅଂଶ ଗ୍ରହଣ କରିପାରିବେ । ଉକ୍ତ ମେଳାରେ ମଧ୍ୟ ଦକ୍ଷତା ବିକାଶ ତାଲିମ୍ ପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ ଆବେଦନ କରିପାରିବେ ।

ଏହି ନିଯୁକ୍ତି ମେଳାରେ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତି ପ୍ରଦାନକାରି ଘରୋଇ ସଂସ୍ଥାଗୁଡ଼ିକର ନିଯୁକ୍ତିଦାତା ଓ ଦକ୍ଷତା ବିକାଶ ତାଲିମ୍ ପ୍ରଦାନକାରୀ ସଂସ୍ଥାମାନେ ଯୋଗ ଦେବାର ବ୍ୟବସ୍ଥା କରାଯାଇଅଛି । ଏତଦ୍‌ବ୍ୟତୀତ PM-Internship ଯୋଜନା ମାଧ୍ୟମରେ ଅନୁଗୋଳ ଜିଲ୍ଲାର ଅଗ୍ରଣୀ ଶିଳ୍ପାନୁଷ୍ଠାନ (NTPC, JSPL, MCL etc.) ମାନଙ୍କରେ Internship ନିମନ୍ତେ ପଞ୍ଜିକରଣ ମଧ୍ୟ କରାଯିବ ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସେମାନଙ୍କର ନିଜର ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଆଧାର କାର୍ଡ଼ ଓ ପାସପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ ନିର୍ଦ୍ଧାରିତ ତାରିଖରେ ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଯୋଗ ଦେଇ ନିଯୁକ୍ତି ତଥା ଦକ୍ଷତା ବିକାଶ ତାଲିମର ସୁଯୋଗ ନେବାକୁ ଅନୁରୋଧ କରାଯାଉଛି ।

ସ୍ୱା/-
ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ,
ଅନୁଗୋଳ

ସ୍ୱା/-
ଜିଲ୍ଲାପାଳ,
ଅନୁଗୋଳ

ଯୋଗାଯୋଗ : ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ
ମୋ.-୮୨୪୯୭୮୪୮୩୭, ୭୦୨୪୫୪୩୩୯୮